# ମନ୍ତେଇ ନଦୀ ପୋଲ କାର୍ଯ୍ୟ ଆରମ୍ଭ


ମନ୍ତେଇ ନଦୀ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି।

**ବାସୁଦେବପୁର,୫।୬**
**(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲାର ବାସୁଦେବପୁର, ଚାନ୍ଦବାଲି, ତିହିଡ଼ି ୩ ବ୍ଲକ୍ ମଧ୍ୟ ଦେଇ ପ୍ରବାହିତ ହେଉଥିବା ସ୍ରୋତସ୍ୱିନୀ ମନ୍ତେଇ ନଦୀରେ ପୋଲ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାୟ ୬୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପୋଲ କାର୍ଯ୍ୟ ବେକେମ ଇନ୍ଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥା କରୁଥିବା ଜଣାପଡ଼ିଛି। ନଦୀର ଚାରିବାଟିଆ ଓ ବାଲିପାଳନ ଘାଟରେ ବହୁ ପ୍ରତୀକ୍ଷିତ ପୋଲ ନିର୍ମାଣ ଆରମ୍ଭ ପରେ ସ୍ଥାନୀୟ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି।

ପ୍ରକାଶ ଯେ, ୩ ବ୍ଲକ୍‌ର ଲକ୍ଷାଧିକ ଯାତ୍ରୀଙ୍କ ଯାତାୟାତ ପାଇଁ ଦୁଃଖ ପାଲଟିଥିବା ମନ୍ତେଇ ନଦୀର ଗୋଟିଏ ପାର୍ଶ୍ୱରେ ବାସୁଦେବପୁର ବ୍ଲକ୍ ଥିବା ବେଳେ ଅନ୍ୟ ପାର୍ଶ୍ୱରେ ତିହିଡ଼ି ଓ ଚାନ୍ଦବାଲି ବ୍ଲକ୍ ରହିଛି। ନଦୀଟି କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ବିଭାଗ ଅଧୀନରେ ଅନ୍ତର୍ଭୁକ୍ତ ଥିବାରୁ ପୋଲ

## ୩ ବ୍ଲକ୍‌ର ଲୋକେ ଉପକୃତ ହେବେ

ନିର୍ମାଣ ପାଇଁ ୧୦ରୁ ଊର୍ଦ୍ଧ୍ୱ ଥର ରାଜ୍ୟ ସରକାର ଟେଣ୍ଡର ଡାକିଥିଲେ ହେଁ କୌଣସି ଠିକାସଂସ୍ଥା ପୋଲ ନିର୍ମାଣ ପାଇଁ ସକ୍ଷମ ହୋଇପାରୁ ନ ଥିଲେ। କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ ମନ୍ତ୍ରୀ ନୀତିନ୍ ଗଡ଼କରୀ, ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବାସୁଦେବପୁରର ପୂର୍ବତନ ବିଧାୟକ ବିଜୟଶ୍ରୀ ରାଉତରାୟଙ୍କ ବହୁ ଉଦ୍ୟମ ପରେ ନଦୀରେ ପୋଲ ନିର୍ମାଣ ପାଇଁ ଥିବା ସମସ୍ତ କଟକଣା ହଟିଥିଲା। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଉଦ୍ୟମରେ ଚାରିବାଟିଆ, କରଞ୍ଜଆଡ଼ିଆ ଘାଟଠାରେ ୩ ମାସ ପୂର୍ବେ ପୋଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଚାରିବାଟିଆ ଏକ ଐତିହାସିକ ପୀଠ ହୋଇଥିବା ବେଳେ ମନ୍ତେଇ ନଦୀରେ ଡଙ୍ଗାରେ ପାର ହୋଇ ୧୯୨୭ରେ ଗାନ୍ଧିଜୀ ଚାରିବାଟିଆ ଗ୍ରାମକୁ ଆସିଥିଲେ। ନଦୀଘାଟରେ ପୋଲ ନ ଥିବାରୁ ଅତି ବିପଦପୂର୍ଣ୍ଣ ଭାବେ ପ୍ରତିଦିନ ଅନେକ ଶହ ଲୋକ, ଗାଡ଼ି ଏହି ନଦୀରେ ବିପଦପୂର୍ଣ୍ଣ ଭାବେ ପାରହୋଇଥାନ୍ତି। ନଦୀଘାଟ ଦାୟିତ୍ୱ ଗୋଟିଏ ବର୍ଷ ବାସୁଦେବପୁର ବ୍ଲକ୍‌ର ବାଲିମେଦ ପଞ୍ଚାୟତରେ ରହୁଥିବା ବେଳେ ଗୋଟିଏ ବର୍ଷ ତିହିଡ଼ି ବ୍ଲକ୍ ହାତରେ ରହିଥାଏ। ସେହିପରି ମନ୍ତେଇ ନଦୀର କରଞ୍ଜଆଡ଼ିଆ ଘାଟଠାରେ ମଧ୍ୟ ଅନୁରୂପ ଅତି ବିପଦପୂର୍ଣ୍ଣ ଭାବେ ପ୍ରତ୍ୟହ ଅନେକ ଶହ ଯାତ୍ରୀ ବିପଦପୂର୍ଣ୍ଣ ଭାବେ ଦେଶୀ ଡଙ୍ଗାରେ ଏକ ଦଉଡ଼ିକୁ ଧରି ନଦୀ ପାରହୋଇଥାନ୍ତି। ଏହି ସ୍ଥାନରେ ଏକାଧିକବାର ଡଙ୍ଗା ଦୁର୍ଘଟଣା ପୂର୍ବରୁ ଘଟିଥିବା ବେଳେ ନଦୀରେ କୁମ୍ଭୀର ଭୟ ମଧ୍ୟ ରହିଛି। ଘାଟର ଡଙ୍ଗା ପାରି ଦାୟିତ୍ୱ ଗୋଟିଏ ବର୍ଷ କରଞ୍ଜଆଡ଼ିଆ ପଞ୍ଚାୟତ ହାତରେ ରହୁଥିବା ବେଳେ ଗୋଟିଏ ବର୍ଷ ଚାନ୍ଦବାଲି ବ୍ଲକ୍ ହାତରେ ରହିଥାଏ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ୟାକୁ ଗୁରୁତ୍ୱ ଦେଇ ପିପିପି ମୋଡ୍‌ରେ ପୋଲ ନିର୍ମାଣ କାର୍ଯ୍ୟ କରିବାକୁ ସବୁଜ ସଙ୍କେତ ଦେଇଥିଲେ। ନଦୀରେ ପୋଲ ନିର୍ମାଣ ଶେଷ ହେଲେ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା ଜିଲା ସହ ସିଧାସଳଖ ଯାତାୟାତ ହେବା ସହ ଦୂରତା ହ୍ରାସ ପାଇବ।

# ଅଶୋକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ବିଜୟ ଶୋଭାଯାତ୍ରାରେ ନବ ନିର୍ବାଚିତ ବିଧାୟକ ଅଶୋକ କୁମାର ଦାସ ।

**ବାସୁଦେବପୁର,୫।୬**
**(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀର ନୂତନ ବିଧାୟକ ଭାବେ କଂଗ୍ରେସ ଦଳର ଅଶୋକ ଦାସ ନିର୍ବାଚିତ ହେବା ପରେ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇପଡ଼ିଛି। ନୂତନ ବିଧାୟକ ଅଶୋକଙ୍କୁ ପୌରପାଳିକାର ଇଣ୍ଡିଆସାହିସ୍ଥିତ ବାସଭବନରେ ଶହ ଶହ ସଂଖ୍ୟାରେ ତାଙ୍କ ଶୁଭେଚ୍ଛୁ, ସମର୍ଥକ, ଦଳୀୟ କର୍ମୀ ତିହିଡ଼ି ବ୍ଲକ, ବାସୁଦେବପୁର ବ୍ଲକ, ପୌରପାଳିକାର ବିଭିନ୍ନ ୱାର୍ଡ଼, ଅଞ୍ଚଳରୁ ଆସି ଶୁଭେଚ୍ଛା ଜଣାଇଛନ୍ତି। ବାସୁଦେବପୁର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କର ଏହା ବିଜୟ ବୋଲି ଅଶୋକ କହିଛନ୍ତି। ୧୯୯୦ରୁ କଂଗ୍ରେସ ଏଠାରେ କ୍ଷମତାଠାରୁ ଦୂରେଇ ରହିଥିବା ବେଳେ ଦୀର୍ଘ ୩୪ ବର୍ଷର ବ୍ୟବଧାନ ପରେ ଅଶୋକ ବିଧାୟକ ଭାବେ ନିର୍ବାଚିତ ହୋଇ ଦଳୀୟ କର୍ମୀ ସମର୍ଥକଙ୍କୁ ଖୁସି ପ୍ରଦାନ କରିଛନ୍ତି। ବିଜୟକୁ ନେଇ ବୁଧବାର ସନ୍ଧ୍ୟାରେ ବାସୁଦେବପୁର ସହରରୁ ଅଶୋକ ବିଜୟ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଏକ ଖୋଲା ସୁସଜ୍ଜିତ ଗାଡ଼ିରେ ବାସଦେବପୁର ସହର ତଥା ବିଭିନ୍ନ ଗ୍ରାମ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ଶୁଭେଚ୍ଛା ଜଣାଇଲେ। ଅନେକ ହଜାର ଜନସାଧାରଣ ଅଶୋକଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିବା ଦେଖାଯାଇଥିଲା।

# ସୀତାଂଶୁ ଶେଖରଙ୍କୁ ସମ୍ବର୍ଦ୍ଧନା


ସୀତାଂଶୁଙ୍କୁ ସମର୍ଥକ ଶୁଭେଚ୍ଛା ଜଣାଉଛନ୍ତି।

**ଭଦ୍ରକ,୫।୬**
**(ସନାତନ ରାଉତ)**

ଭଦ୍ରକ ବିଧାନସଭାରେ ମୋର ନୁହେଁ ଲୋକଙ୍କର ବିଜୟ ହୋଇଛି। ଦୀର୍ଘଦିନ ଧରି ଲୋକମାନେ ପରିବର୍ତ୍ତନ ଚାହୁଁଥିଲେ। ସେମାନଙ୍କର ଅକ୍ଳାନ୍ତ ପରିଶ୍ରମର ଫଳସ୍ୱରୂପ ଭାଜପା ବିଜୟୀ ହୋଇଛି ବୋଲି ଭଦ୍ରକ ବିଧାନସଭା ଆସନରୁ ବିଜୟୀ ହୋଇଥିବା ଭାଜପା ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର କହିଛନ୍ତି। ଭଦ୍ରକବାସୀ ଯେଉଁ ଆଶା, ଭରସା ରଖି ମୋତେ ବିଜୟୀ କରାଇଛନ୍ତି ତାଙ୍କର ସେ ସ୍ୱପ୍ନକୁ ପୂରଣ କରିବା ପାଇଁ ଶେଷ ପର୍ଯ୍ୟନ୍ତ ସଂଗ୍ରାମ କରିବେ। ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବା ସହ ସମସ୍ତ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା ଉପରେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଭଦ୍ରକ କୁଆଁସଠାରେ ଅବସ୍ଥିତ ଭାଜପା ବିଧାନସଭା କାର୍ଯ୍ୟାଳୟରେ ବୁଧବାର ବିଜୟ ଉତ୍ସବ ପାଳନ ହୋଇଥିଲା। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଦଳୀୟ କର୍ମୀ, ମହିଳା, ପଞ୍ଚାୟତ ପ୍ରତିନିଧି, ଭଦ୍ରକ ପୌରପାଳିକା ଓ ବିଭିନ୍ନ ପଞ୍ଚାୟତର ଲୋକେ ସୀତାଂଶୁଙ୍କୁ ସାକ୍ଷାତ କରି ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ।

# ବିଡିଓଙ୍କୁ ଘେରିଲେ ଆମ ବସ୍‌ଷ୍ଟାଣ୍ଡ କର୍ମଚାରୀ

**ବାଲିଆପାଳ, ୫।୬**
**(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବାଲିଆପାଳ ନେତାଜୀ ଷ୍ଟାଡିୟମରେ କାର୍ଯ୍ୟକ୍ଷମ ଆମ ବସ୍‌ଷ୍ଟାଣ୍ଡରେ କାର୍ଯ୍ୟରତ କିଛି କର୍ମଚାରୀ ୪ ମାସର ଦରମା ନ ପାଇବାରୁ ବୁଧବାର ପୂର୍ବାହ୍ନରେ ବାଲିଆପାଳ ବିଡିଓ ତଥା ଆମ ବସ୍‌ଷ୍ଟାଣ୍ଡର ଚେୟାରମ୍ୟାନ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ଘେରିଥିଲେ। ଉକ୍ତ ଘଟଣାର ଖବର ପାଇ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ ବସ୍‌ଷ୍ଟାଣ୍ଡ କର୍ମଚାରୀଙ୍କୁ ବୁଝାଶୁଝା କରିବା ସହିତ ନିଯୁକ୍ତି ଦେଇଥିବା ଘରୋଇ ଠିକା କମ୍ପାନୀ ମୁଖ୍ୟଙ୍କୁ ଡାକି କର୍ମଚାରୀଙ୍କ ଦରମା ବିଷୟରେ ଆଲୋଚନା କରାଯିବ ଚେୟାରମ୍ୟାନ କହିବା ପରେ କର୍ମଚାରୀମାନେ ଶାନ୍ତ ହୋଇଥିଲେ।

ପ୍ରକାଶଥାଉ କି, ବାଲିଆପାଳ ମୋ ବସ୍‌ଷ୍ଟାଣ୍ଡ ଫେବୃଆରୀ ୧୫ତାରିଖରେ ଉଦ୍‌ଘାଟିତ ହୋଇଥିଲା। ସେହିଦିନଠାରୁ ଦୀପକ କୁମାର ଜେନା, କମଳାକାନ୍ତ ଦାସ, ସନ୍ତୋଷ କୁମାର ସେଠୀ, ଏସ୍‌କେ ଗୋଲାମ ମଇଉଦିନ ଓ ଦିଲୀପ ମଲ୍ଲିକ ପ୍ରମୁଖ ବସ୍‌ଷ୍ଟାଣ୍ଡରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର କିଛିଦିନ ପରେ ଆଉ କିଛି ନୂଆ ପିଲା ଉକ୍ତ ବସ୍‌ଷ୍ଟାଣ୍ଡରେ ନିଯୁକ୍ତିପତ୍ର ସହିତ ନିଯୁକ୍ତି ପାଇ ଦରମା ପାଇଲେଣି। କିନ୍ତୁ ପ୍ରଥମେ ନିଯୁକ୍ତି ପାଇଥିବା ପିଲାମାନେ ୪ମାସ ହେଲା ନିଯୁକ୍ତିପତ୍ର ପାଉଛନ୍ତି ନା ଦରମା ପାଉଛନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ଜନସାଧାରଣଙ୍କ ସହିତ ବସ୍‌ଷ୍ଟାଣ୍ଡରେ କାର୍ଯ୍ୟରତ ଗାର୍ଡ଼ମାନେ ଘେରିଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଆଦ୍ୟାଶା

**ବାସୁଦେବପୁର,୫।୬**
**(ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ପୌରପାଳିକା ଦେଉଳୀ ଗ୍ରାମର କୃତୀ ଛାତ୍ରୀ ଆଦ୍ୟାଶା ଦାଶ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ମାନପତ୍ର ସହ ସେ ପୁରସ୍କୃତ ହୋଇଛନ୍ତି। ପିଲାଟି ଦିନରୁ ଚିତ୍ର ଆଙ୍କିବା ନେଇ ତାଙ୍କ ମନରେ ଉତ୍ସାହ ଦେଖାଦେଇଥିବା ବେଳେ ଏହାକୁ ନିୟମିତ ଅଭ୍ୟାସରେ ପରିଣତ କରି ନିଜକୁ ଜଣେ ସଫଳ ଚିତ୍ରଶିଳ୍ପୀ ଭାବେ ପ୍ରତିପାଦିତ କରିପାରିଛନ୍ତି। ହାତରେ ତୁଳୀ ଓ ରଙ୍ଗ ଛୁଇଁଲେ ଆଦ୍ୟାଶା ଯେକୌଣସି ବ୍ୟକ୍ତିଙ୍କର ଅବିକଳ ଚିତ୍ର ଆଙ୍କିବାରେ ସେ ସିଦ୍ଧହସ୍ତ। ଏହା ବ୍ୟତୀତ ପଶୁପକ୍ଷୀ, ପରିବେଶ ସମ୍ବଳିତ ଚିତ୍ର, ବୃକ୍ଷଲତା ଆଦିର ଚିତ୍ରକୁ ସଫଳତାର ସହିତ ଆଙ୍କିଥାନ୍ତି। ସେ ଜଣେ କୃତୀ ଛାତ୍ରୀ ଭାବେ ସଫଳତାର ସହ ମାଟ୍ରିକ୍ ପାଶ୍ କରିଛନ୍ତି। ସରକାରଙ୍କ ସଚେତନତା ମୂଳକ କୌଣସି କାର୍ଯ୍ୟକ୍ରମ ହେଲେ ଖୋଜା ପଡ଼ନ୍ତି ଆଦ୍ୟାଶା। ଏତଦ୍‌ଭିନ୍ନ ସ୍ୱାଧୀନତା ସଂଗ୍ରାମର କେତେକ ଚିତ୍ରକଳ୍ପ ରଙ୍ଗତୂଳୀରେ ଆଙ୍କି ବେଶ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ବିଶିଷ୍ଟ ରାଜନୈତିକ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀଙ୍କର ଚିତ୍ର ଆଙ୍କି ସେ ସମସ୍ତଙ୍କ ନଜରକୁ ଆସିଥାନ୍ତି। ଜଣେ ଭଲ ଚିତ୍ରଶିଳ୍ପୀ ଭାବେ ରାଜ୍ୟ ଓ ଦେଶରେ ନାଁ କମେଇବାକୁ ଆଗ୍ରହୀ ଅଛନ୍ତି ଆଦ୍ୟାଶା। ସେ ହେଉଛନ୍ତି ଦେଉଳୀ ଗ୍ରାମର ଅଧ୍ୟାପକ ବସନ୍ତ ଦାଶ ଓ ଯୋଗମାୟା ନନ୍ଦଙ୍କ ଏକମାତ୍ର କନ୍ୟା। ପିଲାଟି ଦିନରୁ ଆଦ୍ୟାଶା ଚିତ୍ର ଆଙ୍କିବା ନେଇ ତାଙ୍କ ମନରେ ଯେଉଁ ଆଗ୍ରହ ଓ ରୁଚି ସୃଷ୍ଟି ହୋଇଥିଲା। ତାହା ଆଜି ବାସ୍ତବ ରୂପେ ରୂପାନ୍ତରିତ ହୋଇଛି ବୋଲି ଆଦ୍ୟାଶାଙ୍କ ବାପା ବସନ୍ତ କହିଛନ୍ତି।



ଚିତ୍ରଶିଳ୍ପୀ ଆଦ୍ୟାଶା ଦାଶ।

# ମେଡିକାଲ ପ୍ରବେଶିକା ପରୀକ୍ଷାରେ ନିଷ୍ଟକୁ ସଫଳତା

**ବାଲେଶ୍ୱର, ୫।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ନଳମଗଞ୍ଜସ୍ଥିତ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ୍‌ର ମୁଖ୍ୟ କାର୍ଯ୍ୟାଳୟରେ ବୁଧବାର ନିଷ୍ଟ ଯୁକ୍ତ ୨ ବିଜ୍ଞାନରେ ୬୩୦ ମାର୍କ ଉପରେ ରଖିଥିବା ୬ଜଣ ପିଲା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଷ୍ଟରେ ଯୁକ୍ତ ୨ ବିଜ୍ଞାନ ପଢ଼ାଯିବା ସାଙ୍ଗକୁ ଡାକ୍ତରୀ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଏ। ଚଳିତବର୍ଷ ଅନୁଷ୍ଠାନରୁ ବହୁତ ପିଲା ସଫଳ ହୋଇଥିବା ବେଳେ ୬୩୦ମାର୍କ ଉପରକୁ ୬ଜଣ ଛାତ୍ରୀଛାତ୍ର ରଖିଛନ୍ତି। ଛାତ୍ରୀ ବିନିତା କମିଳା ୬୭୪ ମାର୍କ ରଖି ଅନୁଷ୍ଠାନର ଟପ୍ପର ହୋଇଥିବା ବେଳେ ଶୁଭମ ହୋତା ୬୫୪, ସ୍ୱର୍ଣ୍ଣପ୍ରଭା ମହାରଣା ୬୫୧, ଅମର କୁମାର ଷେଣ୍ଡ ୬୩୮, ପ୍ରିୟଙ୍କା ପାତ୍ର ୬୩୨ ଓ ଅଲିଭା ପାତ୍ର ୬୩୧ ମାର୍କ ରଖିଛନ୍ତି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ହରିହର ରାଉତ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଦିଲୀପ କୁମାର ନାୟକ ଯୋଗଦେଇ ନିଷ୍ଟର ଏତାଦୃଶ ସଫଳତା ଉତ୍ତରଓଡ଼ିଶା ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ଏଠାରେ ଗରିବ ଓ ମେଧାବୀ ଛାତ୍ରୀଛାତ୍ର ସ୍ୱଳ୍ପ ପଇସା ଦେଇ କିମ୍ବା ସମ୍ପୂର୍ଣ୍ଣ ମାଗଣାରେ ପଢ଼ି ସଫଳତା ହାସଲ କରି ସେମାନଙ୍କର ଡାକ୍ତର ହେବାର ସ୍ୱପ୍ନ ସାକାର କରିପାରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଅଜିତ କୁମାର ସାହୁ, ସଦାଶିବ ଜେନା, ମନୋଜ କୁମାର ପ୍ରଧାନ, ଜୀବନ ବିଶ୍ୱାଳ, ସ୍ମୃତିରଞ୍ଜନ ଅଧିକାରୀ, ତପନ କୁମାର ଓ ଉତ୍ତମ କୁମାର ବେହେରା ପରିଚାଳନା କରିଥିଲେ।

# ଏନ୍‌ଏସି ପକ୍ଷରୁ ବିଶ୍ୱ ପରିବେଶ ଦିବସ



ଚାରାରୋପଣ କରାଯାଉଛି।

**ଚାନ୍ଦବାଲି, ୫।୬ (କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବନଖଣ୍ଡ ବନ ବିଭାଗ ପକ୍ଷରୁ ଚାନ୍ଦବାଲି ଏନ୍‌ଏସି ବାଲିଗାଁ ସ୍ୱର୍ଗଦ୍ୱାର ପରିସରରେ ବିଶ୍ୱ ପରିବେଶ ଦିବସ ବୁଧବାର ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଚାନ୍ଦବାଲି ବନଖଣ୍ଡ ବନ ବିଭାଗ ପକ୍ଷରୁ ଏସିଏଫ୍ ସୁମିତ ମହାନ୍ତି, ମଧୁସ୍ମିତା ମହାନ୍ତି, ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ପ୍ରଦୀପ ନାୟକ, ଫରେଷ୍ଟର ସୂର୍ଯ୍ୟକାନ୍ତ ପଣ୍ଡା, କୁମୁଦ ସାହୁ, ରାଜକିଶୋର ନାୟକ, ବିନୋଦ ସିଂ, ସୁବ୍ରତ ବେହେରା, ରଶ୍ମିତା ସାହୁ, ପ୍ରଦୀପ ନାୟକ, ଖବରଦାତା ଭାଗ୍ୟରଥୀ ସେଠୀ, ସ୍ଥାନୀୟ ଯୁବନେତା ବିରେନ ସାହୁ, ରାଜ କିଶୋର ସାହୁ, ରମା ନାୟକ ଅଶୋକ ସାହୁ, ସନା ମହାନ୍ତି ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ।

# ବରିଷ୍ଠ ଖବରଦାତାଙ୍କ ପରଲୋକ

**ବାସୁଦେବପୁର,୫।୬**
**(ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ଅଞ୍ଚଳର ବରିଷ୍ଠ ଖବରଦାତା ତଥା ସାମାଜିକକର୍ମୀ ପ୍ରମୋଦ ମହାପାତ୍ର(୫୮)ଙ୍କର ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପୈତୃକ ବାସଭବନ ସୁରେଶ୍ୱରପୁର ଗ୍ରାମରେ ପରଲୋକ ହୋଇଛି। ଗତ କିଛିମାସ ଧରି ପ୍ରମୋଦ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ଜଣେ ଆୟୁର୍ବେଦ ଚିକିତ୍ସକ ଭାବେ ମଧ୍ୟ ସେ ଜଣାଶୁଣା ଥିଲେ। ଜଣେ ସଙ୍ଗଠକ ଓ ଅନୁଷ୍ଠାନପ୍ରେମୀ ମଣିଷ ଥିଲେ। ତାଙ୍କର ଅକାଳ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବରିଷ୍ଠ ଖବରଦାତା କିଶୋର କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବର୍ଗର ଲୋକ ତାଙ୍କର ଶେଷଦର୍ଶନ କରିଥିଲେ।

# ସାବିତ୍ରୀ ପାଇଁ ଫଳ ଦର ଆକାଶଛୁଆଁ

**ଭଦ୍ରକ,୫।୬ (ସନାତନ ରାଉତ/ ରବିନାରାୟଣ ଖିଲାର)**

ଭଦ୍ରକ ସହରରେ ସାବିତ୍ରୀ ବଜାରରେ ଗ୍ରାହକଙ୍କ ଭିଡ଼ ଜମିଥିବା ବେଳେ ଫଳ ଦରରେ ଅହେତୁକ ବୃଦ୍ଧି ଘଟିଛି। ଗୁରୁବାର ସାବିତ୍ରୀ ବ୍ରତ ଥିବାରୁ ଫଳ ଦର ଆକାଶଛୁଆଁ ହୋଇଯାଇଛି। ଏହି ବ୍ରତରେ ବ୍ରତଧାରୀମାନେ ସାବିତ୍ରୀଙ୍କୁ ପୂଜାକରି ବିଭିନ୍ନ ଫଳ ଅର୍ପଣ କରିଥାନ୍ତି। ବ୍ରତ ପାଇଁ ଫଳର ଆବଶ୍ୟକତାକୁ ଲକ୍ଷ୍ୟକରି ବ୍ୟବସାୟୀମାନେ ମନଇଚ୍ଛା ଦରରେ ବିକ୍ରିକରି ମାଲାମାଲ ହେଉଛନ୍ତି। କେବଳ ଫଳ ନୁହେଁ, ଶାଢ଼ି ଓ କସ୍‌ମେଟିକ୍ ଦୋକାନରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଜମୁଛି। କଚେରି ବଜାର ଫଳ ମାର୍କେଟରେ ଗତ ୨ ଦିନ ଧରି ଗହଳି ପରିଲକ୍ଷିତ ହେଉଛି। ଆମ୍ବ କିଲୋ ୧୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କଦଳୀ ଡଜନ ୭୦, ସପୁରି ଗୋଟାକୁ ୪୦, ନଡ଼ିଆ ଗୋଟାକୁ ୩୦, ଲିଚୁ ୧୫୦, ପଣସ ଗୋଟାକୁ ୧୫୦ ରୁ ୨୦୦, ସେଓ ୨୦୦ ଓ ଅଙ୍ଗୁରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ସପେଟା କିଲୋ ପ୍ରତି ୧୧୦ରୁ ୧୨୦ ଟଙ୍କା, କମଳା କିଲୋ ପ୍ରତି ୧୬୦ରୁ ୨୦୦ଟଙ୍କା ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ପାଚିଲା ଖଜୁରି କୋଳି ପରିବର୍ତ୍ତେ ଶୁଖିଲା କଞ୍ଚା କୋଳି ଚଢ଼ାଦରରେ ବିକ୍ରି ହେଉଥିବା ବେଳେ ତାଳସଜ ଗୋଟା ୧୦ରୁ ୧୫ ଟଙ୍କାରେ ବିକ୍ରି ହେଉଛି। ଦରଦାମ ନିୟନ୍ତ୍ରଣ ସକାଶେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କମିଟି ଗଢ଼ା ଯାଉଥିଲେ ମଧ୍ୟ ଯେକୌଣସି ପର୍ବପର୍ବାଣି ସମୟରେ କମିଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବ୍ୟବସାୟୀ ଚଢ଼ା ମୂଲ୍ୟରେ ବ୍ୟବସାୟ କରିବା ସହ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ବୋଲି ଶିକ୍ଷୟିତ୍ରୀ ଗୀତାରାଣୀ ଆଇଚ, ସାମାଜିକ କର୍ମୀ ମମତା ବଳ ପ୍ରକାଶ କରିଛନ୍ତି।


ଏକ ଫଳ ଦୋକାନରେ ଗ୍ରାହକଙ୍କ ଭିଡ଼।

## ବରିଷ୍ଠ ସିପିଏମ୍ ନେତା ଯୋଗାନନ୍ଦ ଦାସଙ୍କ ଦଳରୁ ଇସ୍ତଫା

ନୀଳଗିରି, ୫।୬(ପ୍ରଶାନ୍ତ ବିଶ୍ୱାଳ)

ଚଳିତ ସାଧାରଣ ନିର୍ବାଚନରେ ନୀଳଗିରି ବିଧାନସଭାରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବରିଷ୍ଠ ସିପିଏମ୍ ନେତା ଯୋଗାନନ୍ଦ ଦାଶ ବୁଧବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ନିଜ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଦଳରୁ ଇସ୍ତଫା ଦେଇଥିବା କହିଛନ୍ତି। ଏନେଇ ସେ ବୁଧବାର ଦଳର ବାଲେଶ୍ୱର ଜିଲା ସମ୍ପାଦକଙ୍କୁ ପତ୍ର ଯୋଗେ ଅବଗତ କରିଛନ୍ତି। ତେବେ ନିଜେ ୨୦୧୯ରେ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା ବେଳେ ୨୦୨୪ରେ ହୋଇଥିବା ଭୋଟଗଣତିରେ ଯୋଗାନନ୍ଦ ମାତ୍ର ୧୪୨୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିବା ଯୋଗୁ ସେ ଏଭଳି ନିଷ୍ପତ୍ତି ନେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ପୂର୍ବରୁ ସେ ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତର ୨ଥର ସରପଞ୍ଚ ଓ ନୀଳଗିରି ନିର୍ବାଚନମଣ୍ଡଳୀର ୨ନମ୍ବର ଜୋନ୍‌ରୁ ଜିଲାପରିଷଦ ସଭ୍ୟ ଭାବେ ବିଜୟୀ ହୋଇଥିଲେ।

# ପତିତ ଜମିରେ ବୃକ୍ଷରୋପଣ, ଜନସଚେତନତା ପଦଯାତ୍ରା

### ବିଶ୍ୱ ପରିବେଶ ଦିବସ ପାଳନ

ବାଲେଶ୍ୱର, ୫।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବେଶ ସଂରକ୍ଷଣ ଦିଗରେ ସର୍ବଦା ଯତ୍ନଶୀଳ। ବିଶ୍ୱ ପରିବେଶ ଦିବସ ଅବସରରେ ବୁଧବାର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ସେ ନିଜ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର କରି ଗଢ଼ି ତୋଳିବା ପରେ ବର୍ତ୍ତମାନ ପରିସର ବାହାରେ ତଥା ବିଶ୍ୱବିଦ୍ୟାଳୟର ନିକଟତମ ଗ୍ରାମ ମିତ୍ରପୁରସ୍ଥିତ ବ୍ଲୁ-ଲେକ୍ ଅଞ୍ଚଳରେ ଥିବା ପତିତ ଜମିରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଛନ୍ତି। ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର




ପତିତ ଜମିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ।

ଉଦ୍ୟମରେ ମଛୁଆ ଗ୍ରାମ ଉପକଣ୍ଠସ୍ଥ ବିଭିନ୍ନ ପତିତଜମିରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବର, ଅଶ୍ୱତ୍ଥ, ଜାମୁ, ନିମ୍ବ, ବେଲ, ବଉଳ ଆଦି ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ଏଥିସହ କରଞ୍ଜ, ବଉଳ, ତେନ୍ତୁଳି, ଚାରକୋଳି, ମହୁଲ, ବରକୋଳି, କାଠବାଦାମ ଆଦି ଗଛର ମଞ୍ଜି ସହ ମାଟି ଓ ଖତକୁ ନେଇ ପ୍ରସ୍ତୁତ ହୋଇଥିବା ମଞ୍ଜିଗୋଲାକୁ ମଛୁଆ ଗ୍ରାମର ପାହାଡ ତଳି ପତିତଜମିରେ ନିକ୍ଷେପ କରାଯାଇଥିଲା। ଆଗାମୀ ମୌସୁମୀର ଆଗମନରେ ଉପଯୁକ୍ତ ପରିବେଶ ପାଇ ଏହି ମଞ୍ଜିଗୋଲାରୁ ଅଙ୍କୁରୋଦଗମ ହୋଇ ଏକ ସବୁଜବଳୟ ସୃଷ୍ଟିର ଆଧାର ହୋଇପାରିବ ବୋଲି ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି।

ଏଥିସହ ଏକ ଜନସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକଠାରୁ ମିତ୍ରପୁର ବଜାର ପର୍ଯ୍ୟନ୍ତ ଯାଇ ଉପସ୍ଥିତ ଜନସାଧାରଣଙ୍କୁ ପରିବେଶର ମହତ୍ତ୍ୱ, ଏହାର ଜୈବବିବିଧତା ଓ ସ୍ୱଚ୍ଛତା ସମ୍ପର୍କରେ ସଚେତନତାମୂଳକ ପ୍ରଚାରପତ୍ର ବଣ୍ଟନ କରାଯାଇ ପଦଯାତ୍ରାକୁ ସଫଳ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ପ୍ରଫେସର ସୁର୍ଯ୍ୟେନ୍ଦୁ କୁମାର ଦେ ମାର୍ଗଦର୍ଶନ କରିଥିଲେ।

## ମେଡିକାଲ ପ୍ରବେଶିକା ପରୀକ୍ଷାରେ ନିଷ୍ଟକୁ ସଫଳତା




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ବାଲେଶ୍ୱର, ୫।୬(ମାନସ ବିଶ୍ୱାଳ)

ବାଲେଶ୍ୱର ନଳମଗଞ୍ଜିସ୍ଥିତ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ୍‌ର ମୁଖ୍ୟ କାର୍ଯ୍ୟାଳୟରେ ବୁଧବାର ନିଷ୍ଟ ଯୁକ୍ତ ୨ ବିଜ୍ଞାନରେ ୬୩୦ ମାର୍କ ଉପରେ ରଖିଥିବା ୬ଜଣ ପିଲା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଷ୍ଟରେ ଯୁକ୍ତ ୨ ବିଜ୍ଞାନ ପଢ଼ାଯିବା ସାଙ୍ଗକୁ ଡାକ୍ତରୀ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଏ। ଚଳିତବର୍ଷ ଅନୁଷ୍ଠାନରୁ ବହୁତ ପିଲା ସଫଳ ହୋଇଥିବା ବେଳେ ୬୩୦ମାର୍କ ଉପରକୁ ୬ଜଣ ଛାତ୍ରୀଛାତ୍ର ରଖିଛନ୍ତି। ଛାତ୍ରୀ ବିନିତା କମିଲା ୬୭୪ ମାର୍କ ରଖି ଅନୁଷ୍ଠାନର ଟପ୍ପର ହୋଇଥିବା ବେଳେ ଶୁଭମ ହୋତା ୬୫୪, ସ୍ୱର୍ଣ୍ଣପ୍ରଭା ମହାରଣା ୬୫୧, ଅମର କୁମାର ଷେଣ୍ଢ ୬୩୮, ପ୍ରିୟଙ୍କା ପାତ୍ର ୬୩୨ ଓ ଅଲିଭା ପାତ୍ର ୬୩୧ ମାର୍କ ରଖିଛନ୍ତି। କାର୍ଯ୍ୟକ୍ରମକୁ ଅଧକ୍ଷ ହରିହର ରାଉତ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଦିଲୀପ କୁମାର ନାୟକ ଯୋଗଦେଇ ନିଷ୍ଟର ଏତାଦୃଶ ସଫଳତା ଉତ୍ତରଓଡ଼ିଶା ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ଏଠାରେ ଗରିବ ଓ ମେଧାବୀ ଛାତ୍ରୀଛାତ୍ର ସ୍ୱଳ୍ପ ପଇସା ଦେଇ କିମ୍ବା ସମ୍ପୂର୍ଣ୍ଣ ମାଗଣାରେ ପଢ଼ି ସଫଳତା ହାସଲ କରି ସେମାନଙ୍କର ଡାକ୍ତର ହେବାର ସ୍ୱପ୍ନ ସାକାର କରିପାରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଅଜିତ କୁମାର ସାହୁ, ସଦାଶିବ ଜେନା, ମନୋଜ କୁମାର ପ୍ରଧାନ, ଜୀବନ ବିଶ୍ୱାଳ, ସ୍ମୃତିରଞ୍ଜନ ଅଧିକାରୀ, ତପନ କୁମାର ଓ ଉତ୍ତମ କୁମାର ବେହେରା ପରିଚାଳନା କରିଥିଲେ।

## ଖଇରାରେ ପଦ୍ମଲୋଚନଙ୍କ ବିଜୟ ଶୋଭାଯାତ୍ରା

ଖଇରା, ୫।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଖଇରା ବ୍ଲକରେ ନବନିର୍ବାଚିତ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ସକାଳେ ସିମୁଳିଆରେ ଶୋଭାଯାତ୍ରା ପରେ ଅପରାହ୍ନରେ ଖୋଲାଜିପ୍‌ରେ ପଣ୍ଡା ଅନ୍ୟ ନେତୃବୃନ୍ଦଙ୍କ ସହ ତୁଡିଗଡିଆରୁ ନିଜର ବିଜୟ ଶୋଭାଯାତ୍ରା ଆରମ୍ଭ କରିଥିଲେ। ରାସ୍ତାର ବ୍ରାହ୍ମଣପୋଖରୀ, ଝାଟିଆ, ଗଣ୍ଡିବେଡ, ମହତୀପୁର, କଣ୍ଟାପଡା, ବଟେଶ୍ୱର, ଖଇରା କଲେଜ ଛକ, ଖଇରା ଦୁର୍ଗାମଣ୍ଡପ, ଆଳଦା, ଅର୍ଜ୍ଜୁନପୁର, ନହଙ୍ଗ, କୁପାରୀ, ବର୍ଡନା ଆଦି ସ୍ଥାନରେ ଭାଜପା କର୍ମୀ, ସମର୍ଥକ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପଣ୍ଡାଙ୍କ ସହ ରାଜ୍ୟ ଭାଜପା ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଇଂ. ରାଜେଶ କୁମାର ମହାକୁଡ, ଯୁବନେତା ନୀଳମାଧବ ପଣ୍ଡା, ଜିଲା ସମ୍ପାଦକ ଅଜୟ କୁମାର ବେହେରା, ତୁଡିଗଡିଆ ମଣ୍ଡଳ ସଭାପତି ମହେଶ୍ୱର ନାଥ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଜଗଦୀଶ ପଣ୍ଡା, କୁପାରୀ ଜୋନ ସଭାପତି ପତିତପାବନ କର ପ୍ରମୁଖ ଉପସ୍ଥିତ ଥିଲେ। ଖଇରା କଲେଜ ଛକ ନିକଟରେ ଖଇରା ସାମ୍ବାଦିକ ସଂଘ ତରଫରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।



ବିଜୟୀ ହେବା ପରେ ଭାଜପା ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଉଛନ୍ତି।

## ବିଡିଓଙ୍କୁ ଘେରିଲେ ଆମ ବସ୍‌ଷ୍ଟାଣ୍ଡ କର୍ମଚାରୀ




ବିଡିଓଙ୍କୁ ଆମ ବସ୍‌ଷ୍ଟାଣ୍ଡ କର୍ମଚାରୀ ଘେରାଉ କରିଛନ୍ତି।

ବାଲିଆପାଳ, ୫।୬(ଗୋପାଳ ଚନ୍ଦ୍ର ସାହୁ)

### ୪ ମାସର ଦରମା ପାଇନାହାନ୍ତି

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବାଲିଆପାଳ ନେତାଜୀ ଷ୍ଟାଡିୟମରେ କାର୍ଯ୍ୟକ୍ଷମ ଆମ ବସ୍‌ଷ୍ଟାଣ୍ଡରେ କାର୍ଯ୍ୟରତ କିଛି କର୍ମଚାରୀ ୪ ମାସର ଦରମା ନ ପାଇବାରୁ ବୁଧବାର ପୂର୍ବାହ୍ନରେ ବାଲିଆପାଳ ବିଡିଓ ତଥା ଆମ ବସ୍‌ଷ୍ଟାଣ୍ଡର ଚେୟାରମ୍ୟାନ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ଘେରିଥିଲେ। ଉକ୍ତ ଘଟଣାର ଖବର ପାଇ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ ବସ୍‌ଷ୍ଟାଣ୍ଡ କର୍ମଚାରୀଙ୍କୁ ବୁଝାଶୁଝା କରିବା ସହିତ ନିଯୁକ୍ତି ଦେଇଥିବା ଘରୋଇ ଠିକା କମ୍ପାନୀ ମୁଖ୍ୟଙ୍କୁ ଡାକି କର୍ମଚାରୀଙ୍କ ଦରମା ବିଷୟରେ ଆଲୋଚନା କରାଯିବ ଚେୟାରମ୍ୟାନ କହିବା ପରେ କର୍ମଚାରୀମାନେ ଶାନ୍ତ ହୋଇଥିଲେ।

ପ୍ରକାଶଥାଉ କି, ବାଲିଆପାଳ ମୋ ବସ୍‌ଷ୍ଟାଣ୍ଡ ଫେବୃଆରୀ ୧୫ତାରିଖରେ ଉଦ୍‌ଘାଟିତ ହୋଇଥିଲା। ସେହିଦିନଠାରୁ ଦୀପକ କୁମାର ଜେନା, କମଳାକାନ୍ତ ଦାସ, ସନ୍ତୋଷ କୁମାର ସେଠୀ, ଏସ୍‌କେ ଗୋଲାମ ମଇଉଦ୍ଦିନ ଓ ଦିଲୀପ ମଲ୍ଲିକ ପ୍ରମୁଖ ବସ୍‌ଷ୍ଟାଣ୍ଡରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର କିଛିଦିନ ପରେ ଆଉ କିଛି ନୂଆ ପିଲା ଉକ୍ତ ବସ୍‌ଷ୍ଟାଣ୍ଡରେ ନିଯୁକ୍ତିପତ୍ର ସହିତ ନିଯୁକ୍ତି ପାଇ ଦରମା ପାଇଲେଣି। କିନ୍ତୁ ପ୍ରଥମେ ନିଯୁକ୍ତି ପାଇଥିବା ପିଲାମାନେ ୪ମାସ ହେଲା ନିଯୁକ୍ତିପତ୍ର ପାଉଛନ୍ତି ନା ଦରମା ପାଉଛନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ଜନସାଧାରଣଙ୍କ ସହିତ ବସ୍‌ଷ୍ଟାଣ୍ଡରେ କାର୍ଯ୍ୟରତ ଗାର୍ଡ଼ମାନେ ଘେରିଥିଲେ।

## ଗାଁ ରାସ୍ତା ମରାମତି କଲେ ଗ୍ରାମବାସୀ

କାଳିପଦା, ୫।୬(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅଧୀନ ବଣିଆଡ଼ିହା ପଞ୍ଚାୟତ ରାଇପୁର ଛକଠାରୁ ତାଳଗଡିଆ ପର୍ଯ୍ୟନ୍ତ ମାଟିଗୁଡ଼ି ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଲୋକ ଯାତାୟାତ କରିଥାନ୍ତି। ରାସ୍ତାଟି ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିଲେ ମଧ୍ୟ ଏହାର ମରାମତି ଲାଗି କାହାରି ଦୃଷ୍ଟି ପଡୁନାହିଁ। ଫଳରେ ରାସ୍ତାର ଉନ୍ନତୀକରଣ ହୋଇପାରୁନାହିଁ। ବୁଧବାର ରାସ୍ତା ମରାମତି ଲାଗି ଗ୍ରାମବାସୀ ଅଣ୍ଟା ଭିଡିଛନ୍ତି। ସାମାଜିକ କର୍ମୀ ଅକ୍ଷୟ କୁମାର ମଲ୍ଲିକଙ୍କ ସହଯୋଗରେ ବିଜୟ କୁମାର ଜେନା, ବାଇଧର ଜେନା, ପ୍ରଶାନ୍ତ ଧଳ ଓ ବିଷ୍ଣୁପଦ ଜେନା ପ୍ରମୁଖ ରାସ୍ତାରେ ଥିବା ଖାଲଖମାରେ ବାଲି ଓ ମାଟି ପକାଇ ମରାମତି କରିଥିଲେ।



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

### ମୟୂରଭଞ୍ଜ

## ଖୁଣ୍ଟାରେ ଭାଜପାର ବିଜୟ ଶୋଭାଯାତ୍ରା



ଖୁଣ୍ଟା, ୫।୬(ଦେବ ରଞ୍ଜନ ବେହେରା)

ଉଦଳା ନିର୍ବାଚନମଣ୍ଡଳୀ ଅଧୀନ ଗୋପବନ୍ଧୁ ନଗର ବ୍ଲକ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଗୋପବନ୍ଧୁ ନଗର ବ୍ଲକ ଭାଜପା କର୍ମୀମାନେ ଖୁଣ୍ଟା ହନୁମାନ ମନ୍ଦିର ନିକଟରେ ଏକତ୍ରିତ ହୋଇ ଚଳିତ ନିର୍ବାଚନରେ ବିଜୟୀ ହୋଇଥିବା ଭାଜପାର ବିଧାୟକ ଭାସ୍କର ମଢ଼େଇଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ କର୍ମୀଙ୍କ ଗହଣରେ ଗୋପବନ୍ଧୁ ନଗର ବ୍ଲକ ଛକଠାରୁ ଶୋଭାଯାତ୍ରାରେ ବାହାରିବା ସହ ଭାସ୍କର ଖୁଣ୍ଟା ବଜାରର ବିଭିନ୍ନ ବ୍ୟବସାୟୀ ଓ ଜନସାଧାରଣଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। ଏହି ବିଜୟ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ନଗର ବ୍ଲକ ସଭାପତି ପ୍ରଦୀପ ପୁଥାଳ , ଉଦଳା ଏନ୍‌ଏସି ଅଧକ୍ଷା ପ୍ରମିଳା ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ମୋଦୀ , ସଂଖ୍ୟାଲଘୁ ସେଲର ରାଜ୍ୟ କର୍ମକର୍ତ୍ତା ଶେକ ଏହେସାନ, ବରିଷ୍ଠ କର୍ମୀ ନିରଞ୍ଜନ ବେହେରା, କାହ୍ନୁଚରଣ ବେହେରା,ମନୋଜ ରଥ, ହରିଶ ରାଉତ, ଗୁରୁପ୍ରସାଦ ପ୍ରଧାନ, ଦିନେଶ କୁମାର ଚୌଧୁରୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ହାରଜିତ୍‌କୁ ନେଇ ଚାଲିଛି ମାନସ ମନ୍ଥନ

ବାରିପଦା,୫।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ସଦ୍ୟ ପ୍ରକାଶିତ ନିର୍ବାଚନ ଫଳାଫଳକୁ ନେଇ ମାନସ ମନ୍ଥନ ଚାଲୁ ରହିଛି। ବିଜେଡିର ଶୋଚନୀୟ ପରାଜୟ ଓ ଭାଜପାର ଅଭୂତପୂର୍ବ ବିଜୟକୁ ନେଇ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ମଧ୍ୟରେ ସମୀକ୍ଷା କରାଯାଉଛି। ମୋଦି ହାୱାରେ ଭୋଟର ବିଜେଡିକୁ ପ୍ରତ୍ୟାଖାନ କରିଥିବା ଓ ରତ୍ନଭଣ୍ଡାର ଚାବି ଏବଂ ଓଡ଼ିଆ ଅସ୍ମିତାକୁ ନେଇ ଭାଜପା ନେଇଥିବା ପଦକ୍ଷେପ ବିଜେଡିକୁ ପରାଜୟର ବାଟ ଦେଖାଇଲା ବୋଲି ଚର୍ଚ୍ଚା ଜୋର ଧରିଛି।

ଜିଲାରେ ବିଜେଡିର ସଙ୍ଗଠନ ମଜଭୁତ ଥିଲା ବେଳେ ଗତ ପଞ୍ଚାୟତ ନିର୍ବାଚନରେ ବିପୁଳ ସମର୍ଥନ ଲାଭ କରିଥିଲା। ୫୬ ଜିଲା ପରିଷଦ ଆସନ ମଧ୍ୟରୁ ୫୩ଟି ନିଜ ଅକ୍ତିଆରକୁ ଆଣିପାରିଥିଲା। ଏହି ଫଳାଫଳକୁ ନେଇ ସାଧାରଣ ନିର୍ବାଚନରେ ପ୍ରାର୍ଥୀମାନେ ସହଜରେ ନିର୍ବାଚନୀ ବୈତରଣୀ ପାର ହୋଇଯିବେ ବୋଲି ଆଶା କରିଥିଲେ। ମିଶନଶକ୍ତିଠାରୁ ଆରମ୍ଭ କରି ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ନୂଆ ଭୋଟରଙ୍କୁ ଆକୃଷ୍ଟ କରିବାରେ ଦଳ ଲାଗି ପଡିଥିଲା। ମଠ, ମନ୍ଦିର, ମସଜିଦ ଆଦି ଧର୍ମସ୍ଥଳୀଗୁଡ଼ିକର ପୁନରୁଦ୍ଧାର କରି ଜିଲାରେ ବିକାଶର ବାର୍ତ୍ତା ପହଞ୍ଚାଇଥିଲା। ମାତ୍ର ଏସବୁ ସତ୍ତ୍ୱେ ବିଜେଡିକୁ ସଫଳତା କାହିଁକି ମିଳିଲାନି ସେଥିନେଇ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଛି। ସେହିପରି ମିଶନ ଶକ୍ତିର ମହିଳାମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ବିଜେଡିକୁ ସମର୍ଥନ କରିବା ପରିବର୍ତ୍ତେ ମୋଦି ସୁନାମୀରେ ଭାସିଯାଇଥିବା ଚର୍ଚ୍ଚା ହେଉଛି। ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଯାଇ ନୂଆ-ଓ କାର୍ଯ୍ୟକ୍ରମ ଜରିଆରେ ବିଜେଡି ନିକଟତର ହୋଇଥିଲା। ତେବେ ଦୀର୍ଘ ବର୍ଷ ଧରି କଲେଜଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ପଡ଼ିବା ଏବଂ ଉଚ୍ଚ ଶିକ୍ଷା ଲାଭ କରି ଛାତ୍ରୀଛାତ୍ର ବେକାର ହୋଇ ବୁଲିବା ସମସ୍ୟାର ସମାଧାନ ନ ହେବା ବିଜେଡି ପରାଜୟର ଅନ୍ୟତମ କାରଣ ବୋଲି ଆଲୋଚନା ହେଉଛି। ବିଜେଡିର ଭୋଟ ହାର କମିଥିବାରୁ ଜିଲାରେ ଭାଜପାର ବିଜୟ ହୋଇଛି ବୋଲି ଆଲୋଚନାରୁ ଜଣାପଡିଛି। ଅନ୍ୟପକ୍ଷରେ ଭାଜପାର ଦୁର୍ବଳ ସଙ୍ଗଠନ ରହିଥିବା ବେଳେ କେନ୍ଦ୍ରୀୟ ନେତାଙ୍କ ମାରାଥନ ପ୍ରଚାର ଯୋଗୁ ଭାଜପା ପ୍ରତି ଲୋକେ ଆକୃଷ୍ଟ ହୋଇପଡିଥିଲେ। ଫଳରେ ଭାଜପା ଜିଲାର ୯ ବିଧାନସଭା ଓ ଲୋକସଭା ଆସନରେ ବାଜିମାତ କରିଥିବା ନେଇ ଆଲୋଚନା ଜୋର ଧରିଛି।

## ପୁଣି ବାଜି ମାରିନେଲେ ଭାସ୍କର

ଉଦଳା,୫।୬
(ସନ୍ତୋଷ କୁମାର ବାଛିନୀ)



ଭାସ୍କର ମଢ଼େଇ।

ମୟୂରଭଞ୍ଜ ଜିଲା ଉଦଳା ବିଧାନସଭା କ୍ଷେତ୍ରରେ ବିଜେପି ପ୍ରାର୍ଥୀ ଭାସ୍କର ମଢ଼େଇ ପୁଣି ଥରେ ବାଜି ମାରି ନେଇଛନ୍ତି । ସେ ୬୫୧୭ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡିର ଶ୍ରୀନାଥ ସୋରେନଙ୍କୁ ପରାସ୍ତ କରିଛନ୍ତି। ସେ ଲଗାତାର ଦୁଇ ଥର ବିଧାୟକ ହୋଇଛନ୍ତି। ୨୦୦୦,୨୦୦୪.୨୦୧୪,୨୦୧୯ ଏବଂ ୨୦୨୪ ନିର୍ବାଚନରେ ଭାସ୍କର ନିର୍ବାଚନ ଲଢ଼ିଛନ୍ତି। କେବଳ ୨୦୧୪ରେ ସେ ବିଜେଡିଠାରୁ ପରାସ୍ତ ହୋଇଥିବା ବେଳେ ଅନ୍ୟ ୪ ଥର ବିଜୟୀ ହୋଇଛନ୍ତି। ଟିକେଟ ପାଇବା ପରେ ଦଳୀୟ କର୍ମୀମାନେ ଭାସ୍କରଙ୍କୁ ବିରୋଧ କରିଥିଲେ। ତେବେ ଠିକ୍ ଗୋଟି ଚାଳନା କରି ଶେଷରେ ବିଜୟୀ ମଧ୍ୟ ହୋଇଛନ୍ତି। ବିଜୟୀ ହେବା ପରେ ସମର୍ଥକମାନେ ତାଙ୍କୁ ଏକ ଶୋଭାଯାତ୍ରାରେ ଗଣତି କେନ୍ଦ୍ରଠାରୁ ଆଣି ବଜାର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଭାସ୍କରଙ୍କୁ ବିରୋଧ କରୁଥିବା ଦଳୀୟ ନେତା ଏବଂ କର୍ମୀମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

## ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

ବଡ଼ସାହି,୫।୬ (ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି ବିବେକାନନ୍ଦ ବିହାରସ୍ଥିତ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରଜତ ଜୟନ୍ତୀ ଉପଲକ୍ଷେ ଇକୋ କ୍ଲବ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣଙ୍କ ତତ୍ତ୍ୱାବଧାନ ତଥା ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ କବିତା ପତି, ରଶ୍ମିତା ବେହେରା, ଶିବାନି ସିଂ, ଆଦ୍ୟାଶା ନେହେରା ଓ ସୌଭାଗ୍ୟବତୀ ରାଉତ ବୃକ୍ଷ ପୂଜନ କରିଥିଲେ। ଆମ ପରିବେଶ ଆମ ଜୀବନ, ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା, ସଭିଏ ଆମେ ଏକାଠି ହେବା ଗୋଟିଏ ଗୋଟିଏ ଗଛ ରୋପିବା ନାରା ଦେଇଥିଲେ। କବି କାର୍ତ୍ତିକ ସେଠୀ, ଅତୁଲ୍ୟ ସୁନ୍ଦର ଭଞ୍ଜ ବାବୁ, ସୁବ୍ରତ ବଳିଆରସିଂହଙ୍କ ତତ୍ତ୍ୱାବଧାନରେ ସର୍ବକନିଷ୍ଠ ଶିଶୁ ଜଷ୍ଟିନ ସିଂ ପ୍ରଥମେ ଚାରାରୋପଣ କରିଥିଲେ। ପରେ ୨୫ଟି ଫଳ ଚାରା ବୃନ୍ଦାବତୀ ନାୟକ, ନମ୍ରତା ବାରିକ, ସସ୍ମିତା ଦାସ, ରଞ୍ଜିତା ସିଂ, ସବିତା ମହାନ୍ତି, ମୋନାଲିକା ମାଦୁଲି, ସନ୍ଧ୍ୟାରାଣୀ ସାହୁ, ସଂଗୀତା ବୁଗୁଡ଼େଇ ଓ ଅର୍ଚ୍ଚନା ପାତ୍ରଙ୍କ ଦ୍ୱାରା ରୋପଣ କରାଯାଇଥିଲା। ଗୁରୁଜୀ ରଣଜିତ ମହାନ୍ତି, ବେଣୁଧର ବେହେରା, ଶୁଭଜିତ ଶୁଭଙ୍କର ଓ ଗେହ୍ଲମଣି ବେହେରାଙ୍କ ଦ୍ୱାରା ଏକ ପରିବେଶ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କ ଭିତରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଇକୋ କ୍ଲବର ସବୁଜ ସାଥୀମାନେ ସାମୁହିକ ଶପଥ ପାଠ କରିଥିଲେ। ନିଜ ନିଜ ଜନ୍ମଦିନରେ ଦୁଇଟି ଚାରାରୋପଣ କରି ତାକୁ ବଞ୍ଚାଇବେ ବୋଲି ଶପଥ ଗ୍ରହଣ କରିଥିଲେ। ପ୍ରିୟଙ୍କା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଚାରାରୋପଣ କରାଯାଉଛି।

# ନୋଟାରେ ପଡ଼ିଲା ୧୮୧୨୬ ଭୋଟ

ବାରିପଦା,୫।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଚଳିତ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଜିଲାର ୯ ଗୋଟି ବିଧାନସଭା ଆସନରେ ନୋଟାରେ ମୋଟ ୧୮୧୨୬ଖଣ୍ଡ ଭୋଟ ପଡି ନିର୍ବାଚନ ପୋର୍ଟାଲରୁ ସୂଚନା ମିଳିଛି। ସେହିପରି ଲୋକସଭା ଆସନରେ ମୋଟ ୧୯୯୫୩ଖଣ୍ଡ ଭୋଟ ନୋଟାକୁ ଯାଇଛି। ୯ ବିଧାନସଭାରୁ ୧୧୦ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ଲୋକସଭା ଆସନରେ ୧୩ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ । ଏମାନଙ୍କ ମଧ୍ୟରେ ପସନ୍ଦଯୋଗ୍ୟ ପ୍ରାର୍ଥୀ ନ ଥିବା ନୋଟା ଭୋଟରୁ ଭୋଟରଙ୍କ ମତାମତ ସ୍ପଷ୍ଟ ହୋଇଛି।

### ପ୍ରମାଣପତ୍ର ଗ୍ରହଣ କଲେ ନବଚରଣ

ମୟୂରଭଞ୍ଜ ଲୋକସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ନବଚରଣ ମାଝୀ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି । ଜିଲାର ହେଭିୱେଟ ନେତା ବୋଲାଉଥିବା ସୁଦାମ ମାର୍ଣ୍ଡିଙ୍କୁ ୨ଲକ୍ଷ ୧୯ହଜାର ୩୩୪ ଖଣ୍ଡ ଭୋଟ ବ୍ୟବଧାନରେ ସେ ପରାଜିତ କରିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ବୁଧବାର ନବଚରଣଙ୍କୁ ବିଜୟୀ ଘୋଷଣା କରିବା ସହିତ ନିର୍ବାଚନ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ନବଚରଣ ମୋଟ ୫ଲକ୍ଷ ୮୫ହଜାର ୯୭୧ ଭୋଟ ପାଇଥିବା ବେଳେ ସୁଦାମ ୩ଲକ୍ଷ ୩୬ହଜାର ୬୩୭ ଓ ଜେଏମଏମ ପ୍ରାର୍ଥିନୀ ଅଞ୍ଜନୀ ସୋରେନ ୧ଲକ୍ଷ ୩୫ହଜାର ୩୯୯ ଖଣ୍ଡ ଭୋଟ ପାଇଛନ୍ତି ।

### ପଦ ବଜାୟ ରଖିଲେ ୪ ବିଧାୟକ

ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଜିଲାର ୯ ବିଧାନସଭା କ୍ଷେତ୍ରରୁ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଛି। ସେମାନଙ୍କ ମଧ୍ୟରେ ୪ ବିଧାୟକ ପୁନର୍ବାର ପଦ ବଜାୟ ରଖି ଲୋକପ୍ରିୟତାକୁ ପ୍ରମାଣିତ କରିଛନ୍ତି। ସେମାନଙ୍କ ମଧ୍ୟରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଯଶିପୁର ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ ପୁନଃ ନିର୍ବାଚିତ ହୋଇଛନ୍ତି। ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ବଡ଼ସାହିରୁ ସନାତନ ଲଗାତାର ଦୁଇଥର ବିଧାୟକ, ଉଦଳାରୁ ଭାସ୍କର ମଢ଼େଇ ୪ଥର ବିଧାୟକ, ବାରିପଦାରୁ ପ୍ରକାଶ ସୋରେନ ୨ଥର ବିଧାୟକ, ସାରସକଣାରୁ ଭାଦବ ହାଁସଦା ୨ଥର, କରଞ୍ଜିଆର ପଦ୍ମ ଚରଣ ହାଇବୁରୁ ୨ଥର ଓ ଯଶିପୁରରୁ ଗଣେଶ ରାମସିଂ ଲଗାତାର ଦୁଇଥର ବିଧାୟକ ହେବାର ଗୌରବ ଅର୍ଜନ କରିଛନ୍ତି।

